ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୩୦ ଅଗଷ୍ଟ, ୨୦୨୧



## ଘାଟିରେ ଓଲଟିଲା ଟ୍ରକ୍

ଦିଗପହଣ୍ଡି,(ଡି.ଏନ.ଏ.): ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିରେ ରବିବାର ଏକ ପେପର ବୋଝେଇ ଟ୍ରକ୍ ରାୟଗଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଛେଦନଇ ପୋଲ ପାଖରେ ବ୍ରେକ ଫେଲ ଯୋଗୁ ରାସ୍ତାରେ ଓଲଟି ପଡ଼ିଥିଲା। ଟ୍ରକ୍ ଚାଳକଙ୍କ ବୁଦ୍ଧି ଯୋଗୁ ସେ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବ୍ରହ୍ମପୁର - ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ମଧ୍ୟରେ ରହିଥିବା ତପ୍ତପାଣି ଘାଟି ଦୁର୍ଘଟଣାର ହବ୍ ପାଲଟିଥିବା ବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏହି ଘାଟି ରାସ୍ତାରେ ୨୦ ଊର୍ଦ୍ଧ୍ୱ ଦୁର୍ଘଟଣାରେ ବହୁ ଲୋକ ମୃତାହତ ହୋଇଥିବା ନଜିର ରହିଛି। ପାଟପୁର ଥାନା ପୋଡାମାରି ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍କୁ ଜବତ କରି ମାମଲା ରୁଜୁ କରିଛି।

# ଦ୍ୱିତୀୟ ଥର ଭଞ୍ଜନଗରରେ ହେବ ପ୍ରତ୍ୟକ୍ଷ ଅଧ୍ୟକ୍ଷ ନିର୍ବାଚନ

## ପୌର ନିର୍ବାଚନ ପାଇଁ ଚାଲିଛି ପ୍ରସ୍ତୁତି



ଭଞ୍ଜନଗର,୨୯।୮(ଡି.ଏନ.ଏ)

ରାଜ୍ୟରେ ପୌର ସଂସ୍ଥାଗୁଡ଼ିକରେ ଅଧ୍ୟକ୍ଷା, ଅଧ୍ୟକ୍ଷମାନେ ଏଣିକି ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ୧୯୫୭ ମସିହା ନଭେମ୍ବର ୧୫ରେ ଭଞ୍ଜନଗର ଏନ୍ଏସି ସ୍ଥାପନ ହୋଇଥିଲା। ଏଠାରେ ଦ୍ୱିତୀୟ ଥର ପାଇଁ ପ୍ରତ୍ୟକ୍ଷ ଭାବେ ଅଧ୍ୟକ୍ଷ ନିର୍ବାଚନ ହେବ। ୧୯୯୨ ମସିହା ଫେବୃୟାରୀ ମାସରେ ପ୍ରଥମ ଥର ପ୍ରତ୍ୟକ୍ଷ ଅଧ୍ୟକ୍ଷ ନିର୍ବାଚନ ହୋଇଥିଲା। ଜନତା ଦଳ ଟିକେଟରୁ ଏମ୍ଡ଼ି ଲତିଫ୍ ରେହେମନ୍, କଂଗ୍ରେସରୁ ଏମ୍.ଏସ୍ ପଟ୍ଟନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଏମ୍.ତାଜ୍ ଆଦେନୀ ଓ ବି.ଆପ୍ପା ରାଓ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ କଂଗ୍ରେସର ଗଡ଼ ଥିବା ଏହି ଏନଏସିରୁ ଜନତା ଦଳର ଲତିଫ୍ ବିଜୟୀ ହୋଇଥିଲେ। ୧୯୯୫ରେ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାପରେ ପୌର ସଂସ୍ଥା ନିର୍ବାଚିତ ବୋର୍ଡ଼କୁ ଭାଙ୍ଗି ଦେଇଥିଲେ । ଏହାପରେ ହୋଇଥିବା ନିର୍ବାଚନଗୁଡ଼ିକରେ କାଉନସିଲରମାନେ ଅଧ୍ୟକ୍ଷଙ୍କୁ ନିର୍ବାଚିତ କରିଥିଲେ। ଭଞ୍ଜନଗର ଏନଏସିରେ ପୂର୍ବରୁ ୧୫ଜଣ କାଉନସିଲର ଥିବାବେଳେ ବର୍ତ୍ତମାନ ୧୭କୁ ବୃଦ୍ଧି କରାଯାଇଛି । ୱାର୍ଡ଼ ନଂ. ୯ ଓ ୬କୁ ଭାଙ୍ଗି ୨ଟି ନୂଆ ୱାର୍ଡ଼ ଗଠନ କରାଯିବା ପରେ ମୋଟ ୱାର୍ଡ଼ ସଂଖ୍ୟା ୧୭ରେ ପହଞ୍ଚିଛି। ଆଗାମୀ ନିର୍ବାଚନରେ ୧୭ଜଣ କାଉନ୍ସିଲର ପ୍ରଥମ ଥର ପାଇଁ ନିର୍ବାଚିତ ହେବେ। ୨୦୧୩ ପୌର ନିର୍ବାଚନରେ ଭଞ୍ଜନଗର ଏନଏସିରେ ୧୭,୧୨୨ ଭୋଟର ଥିବାବେଳେ ସେଥିମଧ୍ୟରୁ ୧୦,୪୬୩ ଜଣ ମତଦାନ କରିଥିଲେ । ଶାସକ ବିଜେଡ଼ିରୁ ୧୨ ଜଣ କାଉନସିଲର ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସରୁ ୩ଜଣ ନିର୍ବାଚିତ ହୋଇଥିଲେ । ଭାଜପା ଖାତା ଖୋଲି ପାରି ନ ଥିଲା । କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରେ ଥିବା କେତେଜଣ ନେତା ବର୍ତ୍ତମାନ ଭାଜପାର ମଙ୍ଗ ଧରୁଛନ୍ତି । ତେଣୁ ଆଗାମୀ ନିର୍ବାଚନରେ ଭାଜପାର ସ୍ଥିତି ପରିବର୍ତ୍ତନ ହେବ ।

ଏନଏସିରେ କଂଗ୍ରେସ ତାହାର ସ୍ଥିତିକୁ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ କରିବା ପାଇଁ ପ୍ରସ୍ତୁତି ଚଳାଇଛି । ବିଜେଡ଼ି ତାର ଗଡ଼କୁ ସୁରକ୍ଷିତ ଭାବେ ଦଖଲ କରିବା ପାଇଁ ରଣନୀତି ଚଳାଇଛି । ଶାସକ ଦଳ ପକ୍ଷରୁ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦଳର ନେତୃତ୍ୱ ନେଉଛନ୍ତି । ଭଞ୍ଜନଗରକୁ ଏକ ଅଗ୍ରଣୀ ଏନ୍ଏସି ଭାବେ ଗଢ଼ି ତୋଳିବା ପାଇଁ ଆରୁଖ ଯୋଜନା ଚଳାଇଛନ୍ତି । ଆଗାମୀ ଦିନରେ ଏନ୍ଏସିର ବିକାଶ ପାଇଁ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ । ସେଥିପାଇଁ ଯୋଜନା ପ୍ରସ୍ତୁତି ଚାଲିଛି। ପୌର ସଂସ୍ଥାଗୁଡ଼ିକରେ ଥିବା ଲୋକ ପ୍ରତିନିଧିଙ୍କ କାର୍ଯ୍ୟକାଳ ୨୦୧୮ ରୁ ସରିଲାଣି । ବର୍ତ୍ତମାନ ପ୍ରଶାସନିକ ଅଧିକାରୀମାନେ ପୌରସଂସ୍ଥା ପରିଚାଳନା ଦାୟିତ୍ୱରେ ଅଛନ୍ତି। ଅନ୍ୟପକ୍ଷରେ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ୨୦୨୨ ଫେବୃୟାରୀ ମାସରେ ଶେଷ ହେବ । ତେଣୁ ସରକାର ଉଭୟ ନିର୍ବାଚନକୁ କରିବା ପାଇଁ ସଜବାଜ ହେଉଛନ୍ତି । ଶାସକ ଦଳ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ହେବା ପାଇଁ ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ବରିଷ୍ଠ ଅଧିକାରୀମାନେ ବାରମ୍ବାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ଅନ୍ୟପଟେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଆଗାମୀ ନିର୍ବାଚନକୁ କିଭଳି ମୁକାବିଲା କରିବେ ସେ ନେଇ ଯୋଜନା ଚଳାଇଛନ୍ତି ।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଅଭିଯୋଗ

ଦିଗପହଣ୍ଡି,୨୯।୮(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମର ଏନ୍. ଗୌରୀଙ୍କ ସ୍ତ୍ରୀ ମାମିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ରବିବାର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ସ୍ଥାନୀୟ ତହସିଲଦାର ଅମିତ କୁମାର ନାୟକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏ ନେଇ କେ.ନୂଆଗାଁ ଥାନାରେ ନଂ.୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଭ୍ରମରପୁର ଗ୍ରାମ ବାଘମରା ସାହିର କେ.ସାମନ୍ତିଙ୍କ କନ୍ୟା ମାମି ପ୍ରାୟ ୬ ବର୍ଷ ପୂର୍ବେ ସେହି ଗ୍ରାମ ମଠ ସାହିର ଗୌରୀଙ୍କୁ ବିବାହ କରିଥିଲେ। ଶନିବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହକୁ କେନ୍ଦ୍ରକରି ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ମାମିଙ୍କ ବାପ ଘର ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରାତିରେ ଘରେ ଥିବା ଚାଉଳ ପୋକମରା ଔଷଧ ଖାଇ ମାମିଙ୍କର ମୃତ୍ୟୁ ଘଟିଥିବା ସ୍ୱାମୀ ଗୌରୀ ପୋଲିସକୁ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ କେ. ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଡାକ୍ତରଖାନା ସ୍ଥିତି ଅନୁଧ୍ୟାନ କଲା ଭାଜପା ମହିଳା ମୋର୍ଚ୍ଚା

ଆସିକା,୨୯।୮(ଡି.ଏନ.ଏ.): ଘୁମୁସର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଆସିକା ଉପଖଣ୍ଡ ଡାକ୍ତରଖାନାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କରୋନା ତୃତୀୟ ଲହରରେ ଶିଶୁମାନେ ବିଶେଷ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଏହାର ମୁକାବିଲା ନିମନ୍ତେ ଡାକ୍ତରଖାନାରେ କ'ଣ ପଦକ୍ଷେପ ନିଆଯାଇଛି ତାହା ବୁଲି ଦେଖିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ ଡାକ୍ତରଖାନାରେ ସଙ୍ଗରୋଧ କେନ୍ଦ୍ର ନ ଥିବା ଓ ଆବଶ୍ୟକ ଡାକ୍ତର ନଥିବା ଦେଖାଯାଇଥିଲା । ରାଜ୍ୟ ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିନିଧିଦଳ ଦାବି କରିଛନ୍ତି । ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ରେଣୁବାଳା ରେଡ୍ଡୀ, ସାଧାରଣ ସଂପାଦିକା ରଶ୍ମିତା ବେହେରାଙ୍କ ସମେତ ରୋଜା ଆଚାରୀ, ରଶ୍ମିତା ଆଚାରୀ, ରୀନା ଗୌଡ, ମିନାକ୍ଷୀ ପଣ୍ଡା ପ୍ରମୁଖ ସାମିଲ ଥିଲେ ।

### ଜଳିଗଲା ଆସବାବପତ୍ର

ପୋଲସରା,୨୯।୮(ଡି.ଏନ.ଏ.): ପୋଲସରା ବ୍ଲକ ଚିରିକିପଡା ଶାସନ ପୁରୁଷୋତ୍ତମ ମହାରଣାଙ୍କ କାଠ ଶାଳରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ଓ ଆସବାବପତ୍ର ପୋଡି ନଷ୍ଟ ହୋଇଛି। ଏଥିସହ ଗୋଟିଏ ଗାଈ ମଧ ପୋଡି ହୋଇ ଗୁରୁତର ହୋଇଛି। ଖବରପାଇ ପୋଲସରା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଘାଟିରେ ଅଟକିଲା ମାଲବାହୀ ଟ୍ରକ୍

ଖଜୁରିପଡା/ବଲସକୁମ୍ପା, ୨୯।୮ (ଡି.ଏନ.ଏ.): କନ୍ଧମାଳ ଜିଲାର ପ୍ରବେଶ ପଥ ଖଜୁରିପଡ଼ା ଗାଡିଆପଡା ଘାଟିରେ ରବିବାର ଏକ ମାଲବାହୀ ଟ୍ରକ୍ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା ମଝିରେ ଅଟକି ରହିଥିଲା। ଫଳରେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ି ମଟର ଯାତାୟାତରେ ପ୍ରାୟ ୫ ଘଣ୍ଟା କାଳ ବାଧାପ୍ରାପ୍ତ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ଗାଡ଼ିଟି ପଛୁଆ ଗଡ଼େଇ ନେଇ ରାସ୍ତା ଜାମରୁ ଖାଲି ହୋଇଥିଲା। ତା'ପରେ ସେହି ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# କୋଟଗଡ ଥାନା ଉଦ୍‌ଘାଟନ କଲେ ଡିଜିପି



ଥାନା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଡିଜିପି ଓ ଅନ୍ୟମାନେ।

ଫୁଲବାଣୀ ଅଫିସ/କୋଟଗଡ଼/ବାଲିଗୁଡା, ୨୯।୮ (ଡି.ଏନ୍.ଏ.)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରବିବାର କନ୍ଧମାଳ ଜିଲା ଗସ୍ତରେ ଆସି କୋଟଗଡ଼ର ନୂଆ ଥାନା ଉଦ୍‌ଘାଟନ କରିଛନ୍ତି। ଡିଜିପି ଅଭୟ ହେଲିକପ୍ଟରରେ ଆସି କୋଟଗଡ଼ରେ ଅପରାହ୍ନ ସାଢ଼େ ୨ଟାରେ ପହଞ୍ଚିଥିଲେ। ସେଠାରୁ କାର୍‌ରେ କୋଟଗଡ଼ ଯାଇଥିଲେ। ଏହି ଥାନା ଅଞ୍ଚଳ ମାଓବାଦୀପ୍ରବଣ ହୋଇଥିବାରୁ ଅଷ୍ଟମ ବାଟାଲିୟନର ଯବାନମାନେ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ, ବାଲିଗୁଡା ଏସ୍‌ଡିପିଓ ମନୋଜ ପୂଜାରୀ, କୋଟଗଡ ଥାନାଧିକାରୀ ଧୀରାଜ ଲେଙ୍କା, ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଏମ୍‌ପିଙ୍କ ପ୍ରତିନିଧି ମନୋଜ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ଶେଷ ପର୍ଯ୍ୟାୟ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ ଆଜି

ଶେରଗଡ଼/ହିଞ୍ଜିଳିକାଟୁ, ୨୯।୮(ଡି.ଏନ୍.ଏ)

ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକରେ ମୁଖ୍ୟମନ୍ତ୍ରୀ ୪୦ ସ୍ମାର୍ଟ ସ୍କୁଲ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିଥିବା ବେଳେ ସୋମବାର ଶେଷ ପର୍ଯ୍ୟାୟରେ ଆଉ ୧୦ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ କରିବେ। ଏଥିରେ ହିଞ୍ଜିଳିକାଟୁର ୩ ଓ ଶେରଗଡର ୭ ସ୍କୁଲ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ଶେରଗଡ଼ ପରିଦର୍ଶନରେ ଆସି ଉଦ୍‌ଘାଟନ ହେବାକୁ ଥିବା ୭ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଛନ୍ତି। ପୂର୍ବରୁ କେବଳ ବିଧାୟକମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଆସୁଥିଲେ। ସୋମବାର ବିଧାନସଭା ବିଧାୟକମାନଙ୍କ ସହ ଲୋକସଭା ଓ ରାଜ୍ୟସଭାର ବିଜେଡିର ୧୦ ଏମ୍‌ପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଏମ୍‌ପି, ମନ୍ତ୍ରୀ, ବିଧାୟିକା ଓ ବିଧାୟକ ୨ ଗ୍ରୁପରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ଉଦଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରେ ଯୋଗଦେବେ।

# ପାନୀୟ ଜଳ ସମସ୍ୟା ନେଇ ରାସ୍ତାରୋକୋ


ମହିଳାମାନେ ପାଣି ପାଇଁ ଧାରଣାରେ ବସିଛନ୍ତି।

ଧରାକୋଟ,୨୯।୮(ଡି.ଏନ୍.ଏ.)

ଧରାକୋଟ ଥାନା ଅନ୍ତର୍ଗତ ଢଉଗାଁ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ନେଇ ରବିବାର ହାଣ୍ଡି ମାଠିଆ ରଖି ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଢଉଗାଁ ଗ୍ରାମର ପନ୍ଦରାସାହିରେ ବହୁ ଦିନରୁ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଲୋକମାନେ ପାଣି ନ ମିଳିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଢଉଗାଁ ଛକଠାରେ ମୁଖ୍ୟ ରାସ୍ତାକୁ ୧୧ଟାଠାରୁ ଏକ ଘଣ୍ଟା ଯାଏ ଅବରୋଧ କରିଥିଲେ। ଏଥିପାଇଁ ସୋରଡ଼ା-ବ୍ରହ୍ମପୁର, ଆସିକା, ଦିଗପହଣ୍ଡିକୁ ଯୋଗାଯୋଗ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବର ପାଇ ଧରାକୋଟ ତହସିଲଦାର ଓ ଥାନାଧିକାରୀ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ସମ୍ପୃକ୍ତ ଗ୍ରାମଟି ବହୁ ଉଚ୍ଚରେ ରହିଛି। ଏଣୁ ନୂତନ ଭାବେ ପାଇପଲାଇନ ବିଛାଯାଇ ପନ୍ଦରାସାହିକୁ ପାଣି ଦିଆଯିବାକୁ ଶୀଘ୍ର ବ୍ୟବସ୍ଥା କରାଯିବ ଓ ବର୍ତ୍ତମାନ ଲକ୍ ପ୍ରଣାଳୀକୁ କଣ୍ଟ୍ରୋଲ କରି ହଠାତ୍ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ମନ୍ଦିର ଉନ୍ନୟନ କାର୍ଯ୍ୟ ନେଇ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର

ଖଜୁରିପଡ଼ା/ବଲସକୁମ୍ପା,୨୯।୮(ଡି.ଏନ୍.ଏ.)

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କନ୍ଧମାଳ ଜିଲା ଗସ୍ତରେ ଆସିଥିବା ବେଳେ ଶନିବାର ଫୁଲବାଣୀ ସହର ସାର୍ତ୍ତାଗୁଡ଼ାଠାରେ ନିର୍ମାଣାଧୀନ ବୃଦ୍ଧାଶ୍ରମ ପରିଦର୍ଶନରେ ଯାଇଥିଲେ। ସେଠାରେ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରି ସହଧର୍ମିଣୀଙ୍କ ସହ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀଙ୍କୁ ଦର୍ଶନ କରିଥିଲେ। ଜିଲାପାଳ ଡା. ବୃନ୍ଦା ଡିଙ୍କ ସମେତ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ବିଡିଓ ରବୀନ୍ଦ୍ରନାଥ କହଁର, ତହସିଲଦାର ସ୍ୱପ୍ନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମା' ବରାଳଦେବୀ ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ, ଉପସଭାପତି ଗୌତମ ପ୍ରଧାନ, ଉପଦେଷ୍ଟା ଅନ୍ତର୍ଯ୍ୟାମୀ ଦଳବେହେରା, ନିଗମାନନ୍ଦ କହଁର ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ ଏବଂ ସ୍କୁଲ କୋଠା ଘର ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପାନୀୟ ଜଳ ଏଟିଏମ୍, ଶିଶୁ ଉଦ୍ୟାନ ଉଦ୍‌ଘାଟିତ



ଶିଶୁ ଉଦ୍ୟାନ ଉଦ୍‌ଘାଟନ କରାଯାଉଛି।

ଛତ୍ରପୁର,୨୯।୮(ଡି.ଏନ୍.ଏ.)

ଗୋପାଳପୁର ବନ୍ଦର ଏହାର ପାରିପାର୍ଶ୍ୱିକ ଉନ୍ନତି ଓ ବିକାଶକୁ ସଦାସର୍ବଦା ଗୁରୁତ୍ୱ ଦେଇଆସୁଛି । ଏହି ପରିପ୍ରେକ୍ଷୀରେ ବନ୍ଦର ପକ୍ଷରୁ କଣମଣା ପଞ୍ଚାୟତ ଟାକିରିଆ ବ୍ରହ୍ମପୁର ଗାଁରେ ଏକ ବିଶୁଦ୍ଧ ପାନୀୟ ଜଳ ଏଟିଏମ୍ ପ୍ରକଳ୍ପ ଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ଅଧିନ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଉଦ୍ୟାନ ରବିବାର ଉଦ୍‌ଘାଟିତ ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଓ ନିର୍ଦ୍ଦେଶକ କ୍ୟାପଟେନ୍ ସନ୍ଦୀପ ଅଗ୍ରୱାଲ , ଉପସଭାପତି (ମାନବ ସମ୍ବଳ) ଅଜୟ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, କଣମଣା ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ଆର୍ଯ୍ୟପଲ୍ଲୀ ସରପଞ୍ଚ ପି. ବାଲାଜୀ ପ୍ରମୁଖ ଯୋଗଦେଇଥିଲେ ।

# ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଦାରିଙ୍ଗବାଡ଼ି,୨୯।୮(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଗୋଷ୍ଠୀ ଖେଳ ପଡ଼ିଆଠାରେ ରବିବାର ଜିଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବାଲିଗୁଡ଼ା ବ୍ଲକ ସିନ୍ଦ୍ରିଗାଁ ଦଳ ସହିତ ଫିରିଙ୍ଗିଆ ବ୍ଲକ ରତଙ୍ଗ ଗ୍ରାମ ପଞ୍ଚାୟତ ଡଙ୍ଗରପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୦ ଗୋଲରେ ଡଙ୍ଗରପଡ଼ା ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ କଳାକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ତତ୍କାଳ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଜ୍ୟୋତିରାଜ ପ୍ରଧାନ, ଶିକ୍ଷକ ବିଦେଶୀ ନାୟକ, ସିମନବାଡ଼ି ସରପଞ୍ଚ ପ୍ରତିନିଧି ପରମେ ପ୍ରଧାନ, ପ୍ରେସକ୍ଲବ ସଭାପତି ପ୍ରେମଚାନ୍ଦ ସିଂ ପ୍ରମୁଖ ଯୋଗ ଦେଇ ଉଇନର ଓ ରନର ଦଳଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର ଦଳଙ୍କୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟିର କର୍ମକର୍ତ୍ତା ଜଗନ୍ନାଥ ନାୟକ, ପ୍ରଭାସ ସାହୁ, ଅମର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଟୁର୍ନାମେଣ୍ଟ ୧୦ ଦିନ ଧରି ଚାଲିଥିଲା।

## ସମ୍ପେପଦରରେ ନାହିଁ ଯାତ୍ରୀ ବିଶ୍ରାମାଗାର

ବଲସକୁମ୍ପା/ଖଜୁରିପଡ଼ା, ୨୯।୮(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ଦୂତିମେଣ୍ଡି ପଞ୍ଚାୟତ ସମ୍ପେପଦର ଠାରେ ଯାତ୍ରୀ ବିଶ୍ରାମାଗାରଟିଏ ନାହିଁ। ଯାହାଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅଧିକ ଖରା କିମ୍ବା ବର୍ଷା ହେଲେ ନିକଟରେ ଥିବା ପାନଦୋକାନରେ ଭିଡ ଜମଉଛନ୍ତି। ପୂର୍ବରୁ ଏଠାରେ ଥିବା ବିଶ୍ରାମ ଗୃହକୁ ପ୍ରାୟ ୨ ବର୍ଷ ହେବ ଭାଙ୍ଗି ଦିଆଯାଇଛି। ନୂତନ ବିଶ୍ରାମାଗାର ନିର୍ମାଣ ବିଳମ୍ବ ହେଉଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।

## ଜିଲାସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ

ବୁଗୁଡ଼ା,୨୯।୮(ଡି.ଏନ.ଏ.)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ଖେଳ ପଡିଆରେ ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ପୁରୁଷ ଓ ମହିଳା କବାଡ଼ି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଡଃ.ସୁବାସ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅକ୍ଷୟ କୁମାର ସାହୁ, ଲକ୍ଷ୍ମୀ ନାରାୟଣ ଦାଶ, ଅନିଲ ପଟ୍ଟନାୟକ, ସଚ୍ଚିଦାନନ୍ଦ ଦାସ, କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜାତୀୟ ସ୍ତରର କବାଡି ଖେଳାଳୀ ଭଞ୍ଜ କିଶୋର ଗୌଡ଼ ଓ ଶ୍ରୀନିବାସ ଦୋରା ଏବଂ ଭାରତ୍ତୋଳନକାରିଣୀ ପ୍ରମିଳା କିଶାନୀଙ୍କୁ ଉପଢୌକନ ଓ ମାନପତ୍ର ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍ ଆସିକା ଓ ନରେନ୍ଦ୍ରପୁର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ମହିଳା ବିଭାଗର ପ୍ରଥମ ମ୍ୟାଚଟି ଆସିକା ଓ ସିଟି କଲେଜ ଟିମ୍ ମଧ୍ୟରେ ହୋଇଥିଲା।

# ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡ଼ା ଦିବସ



ଆସିକାଠାରେ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ଆସିକା/ପାରଳାଖେମୁଣ୍ଡି, ୨୯।୮(ଡି.ଏନ.ଏ.)

ଆସିକା ଟାଉନ ହଲ ଆଥଲେଟିକ ଆସୋସିଏଶନ ପକ୍ଷରୁ ରବିବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆସୋସିଏଶନର ସଭାପତି ଦିଲୀପ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ପ୍ରମିଳା ବିଷୋୟୀ ମୁଖ୍ୟଅତିଥି, ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ଓ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆସୋସିଏଶନର ସମ୍ପାଦକ ତାରିଣୀ ସେନାପତି, ଯୁବନେତା ଅନିଲ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡା ମଞ୍ଚାସୀନ ଥିଲେ। କ୍ରୀଡାବିତଙ୍କ ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଯୁବପିଢୀ ଏହାର ସୁଯୋଗ ନେବାକୁ ଅତିଥିମାନେ ନିବେଦନ କରିଥିଲେ । ଏହି ଅବସରରେ କ୍ରୀଡାବିତ ମନୋଜ କୁମାର ମୁନି, ସେଖ ଆସଲାମ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ସନ୍ତୋଷ କୁମାର ବିଷୋୟୀ ଓ ଅଭିନାସ ମୁନିଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ପାରଳାଖେମୁଣ୍ଡିଠାରେ ରବିବାର ଜାତୀୟ କ୍ରୀଡା ଦିବସ ଓ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଳିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲା ପ୍ରଶାସନର ମିଳିତରେ ସ୍ଥାନୀୟ ଇନାଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ଯୋଗ ଦେଇ କ୍ରୀଡ଼ା ଦିବସ ପାଳନର ତାତ୍ପର୍ଯ୍ୟ କହିଥିଲେ। ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେହିଭଳି ବେତାଗୁଡ଼ା ସ୍ଥିତ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ରୀଡ଼ା ଓ ଶାରୀରିକ ଶିକ୍ଷକମାନଙ୍କ ଦ୍ୱାରା ଜାତୀୟ କ୍ରୀଡ଼ା ଦିବସ ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳିତ ହୋଇଥିଲା।

# ମୁଖ୍ୟ ଶାସନ ସଚିବଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

## ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ସ୍ଥାନ ଅନୁଧ୍ୟାନ


ଦାରିଙ୍ଗବାଡିଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

ଦାରିଙ୍ଗବାଡ଼ି/ଜି.ଉଦୟଗିରି/ରାଇକିଆ, ୨୯।୮(ଡି.ଏନ.ଏ.)

ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଦୁଇଦିନିଆ କନ୍ଧମାଳ ଜିଲା ଗସ୍ତ ସାରି ଫେରିଛନ୍ତି। ରବିବାର ଦ୍ୱିତୀୟ ଦିନରେ ସେ ଜି.ଉଦୟଗିରି, ରାଇକିଆ ଓ ଦାରିଙ୍ଗବାଡ଼ି ଗସ୍ତ କରି ବିଭିନ୍ନ ଉନ୍ନୟନକାର୍ଯ୍ୟ ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ଜି.ଉଦୟଗିରି ଆନନ୍ଦି ଆପାରାଲ ପ୍ରଡ୍ୟୁସର ଗ୍ରୁପର ୟୁନିଟ ଏବଂ ଓପିଟିସିଏଲ୍ ଦ୍ୱାରା ନବନିର୍ମିତ ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡ ପରିଦର୍ଶନ କରିଥିଲେ। ପରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ବୁଲି ଦେଖିଥିଲେ । ସେହିପରି ମୁଖ୍ୟ ଶାସନ ସଚିବ ରାଇକିଆ ବ୍ଲକର ମଣ୍ଡାସରୁ ଇକୋ ଟୁରିଜମ ବୁଲି ଦେଖିଛନ୍ତି। ଏଥିସହ କାଠବଙ୍ଗଳା, ୱାଚ ଟାୱାର, ଭ୍ୟୁ ପଏଣ୍ଟ ପରିଦର୍ଶନ କରିବା ସହ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ପରେ ଦାରିଙ୍ଗବାଡ଼ି ଆସି ଇକୋ ରିଟ୍ରିଟ ସ୍ଥାନ ପରିଦର୍ଶନ କରିଥିଲେ । ଚଳିତବର୍ଷ ପୁଣି ସେଠାରେ ଇକୋ ରିଟ୍ରିଟ ହେବ। ଏ ସମ୍ପର୍କରେ ଉପସ୍ଥିତ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ମହାପାତ୍ର ଦାରିଙ୍ଗବାଡ଼ିରୁ କ. ନୂଆଗାଁ ଯାଇ ସିର୍ତ୍ତିଗୁଡ଼ାଠାରେ ଅର୍ଦ୍ଧନିର୍ମିତ ୧୩୨ କେ.ଭି. ଗ୍ରୀଡ କାର୍ଯ୍ୟ ପରିଦର୍ଶନ କରି ଭୁବନେଶ୍ୱର ଫେରିଛନ୍ତି। ବିଭିନ୍ନ ବ୍ଲକ ଗସ୍ତ ବେଳେ ଜିଲାପାଳ ଡ. ବୃନ୍ଦା ଡି, ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ର, ଜି. ଉଦୟଗିରି ବିଡିଓ ବିଜୟ କୁମାର ପ୍ରଧାନ, ତହସିଲଦାର ଡ.ଜନ୍ମେଜୟ ସାହୁ, ଡିଆର୍‌ଡିଏ ପିଡି ବିଶ୍ୱ ରଞ୍ଜନ ନାୟକ, ଡିଏଫ୍‌ଓ ଲକ୍ଷ୍ମୀ ନାରାୟଣ ବେହେରା ରାଇକିଆ ବିଡିଓ ସ୍ମରଣିକା ଟୁଲୋ, ତହସିଲଦାର ହର ପ୍ରସାଦ ଭୋଇ, ଦାରିଙ୍ଗବାଡ଼ି ବିଡିଓ କଳାକୃଷ୍ଣ ପ୍ରଧାନ, ତହସିଲଦାର ଚାର୍ଲେସ ନାୟକ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲ୍ଲିକ, ଆଇଆଇସି କୌଶିକ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

